The Odisha Gazette

EXTRAORDINARY

PUBLISHED BY AUTHORITY

No. 2004 CUTTACK, THURSDAY, NOVEMBER 23, 2017/MARGASIRA 2, 1939

## ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ

### ଅଧିସୂଚନା

**No. RDM-LAB-BOUDH-0041-2017 / 34172 /R&DM- 17.10.2017**

ଯେହେତୁ ଓଡିଶା ସରକାରଙ୍କୁ ପ୍ରତୀତ ହେଉଅଛି କି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଅର୍ଥାତ ଖୋର୍ଦ୍ଧାରୋଡ-ବଲାଙ୍ଗିର ନୂତନ ଓସାରିଆ ରେଳପଥ ନିର୍ମାଣ ନିମନ୍ତେ ମୌଜା- **ବାରପୁଡୁଗ,** ଥାନା-ବାଉଁଶୁଣି, ନଂ-୮୯, ତହସିଲ- ବୌଦ୍ଧ, ଜିଲ୍ଲା- ବୌଦ୍ଧ ରେ ନିମ୍ନ ତଫସିଲ ମତେ ପ୍ରାୟ **୩.୨୪୦** ଏକର ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି ।

ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ ୨୦୧୩ର ଧାରା ୧୧(୧) ର ବ୍ୟବସ୍ଥା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥି ସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ ।

୧-ସାର୍ବଜନୀନ ଉଦ୍ଦେଶ୍ୟର ସ୍ୱରୁପ- ଖୋର୍ଦ୍ଧାରୋଡ-ବଲାଙ୍ଗିର ନୂତନ ଓସାରିଆ ରେଳପଥ ନିର୍ମାଣ ନିମନ୍ତେ ।

୨- ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ- ଉପମୂଖ୍ୟ ଯନ୍ତ୍ରୀ, (ନିର୍ମାଣ) ପୂର୍ବତଟ ରେଳପଥ, ବଲାଙ୍ଗିର।

୩-କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ:- ସାର୍ବଜନୀନ ଉଦ୍ଦେଶ୍ୟରେ ରେଳପଥ ପ୍ରକଳ୍ପ କାର୍ଯ୍ୟକାରି କରିବା।

୪- ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ :- ଉକ୍ତ ପ୍ରକଳ୍ପ ପାଇଁ ପ୍ରଯୁଜ୍ୟ । ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ସଂଖ୍ୟା -୨୦୫୬୦ ତା-୨୭.୦୬.୨୦୧୭ ରେ ଦ୍ରଷ୍ଟବ୍ୟ ।

୫- ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ:- ଉପ-ଜିଲ୍ଲାପାଳ, ବୌଦ୍ଧ ।

୬- ଜମିର ବିବରଣୀ:-

| ଜିଲ୍ଲା | ତହସିଲ | ଗ୍ରାମ | ଗ୍ରାମାଞ୍ଚଳ / ସହରାଞ୍ଚଳ | ଖାତା ନଂ | ପ୍ଲଟ୍ ନଂ | ପ୍ଲଟ୍ ର ମୋଟ ରକବା | ଅଧିସୂଚୀତ ଜମିର ରକବା | ରୟତ୍‌ର ନାମ |
|---|---|---|---|---|---|---|---|---|
| ବୌଦ୍ଧ | ବୌଦ୍ଧ | **ବାରପୁଡୁଗ** | ଗ୍ରାମାଞ୍ଚଳ | ଏଥିସହ ସଂଲଗ୍ନ କରାଗଲା | ଏଥିସହ ସଂଲଗ୍ନ କରାଗଲା | ଏ.୫.୦୮୦ | **ଏ.୩.୨୪୦** | ଏଥିସହ ସଂଲଗ୍ନ କରାଗଲା |

**ଉକ୍ତ ଅଧିସୂଚୀତ ଜମି ରକବା ମଧ୍ୟରୁ ଏ.୩.୨୪୦ ସଂରକ୍ଷିତ ସରକାରୀ ଜମି ପ୍ରତିବଦଳ ପାଇଁ ଉଦ୍ଦିଷ୍ଟ ।**

ଉକ୍ତ ଭୂମିର ଏକ ନକ୍ସା ତଥା ବିସ୍ତୃତ ବିବରଣୀ ଭୂ-ଅର୍ଜନ ମହାମଣ୍ଡଳ ଅଧିକାରୀ, ଖୋର୍ଦ୍ଧାରୋଡ୍-ବଲାଙ୍ଗିର ନୂତନ ଓସାରିଆ ରେଳପଥ ପ୍ରକଳ୍ପ, ବୌଦ୍ଧଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସ ମାନଙ୍କରେ ଦେଖିବାକୁ ମିଳିପାରିବ

ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟ ବିକ୍ରୟ, ହସ୍ତାନ୍ତର (ଦେଣ ନେଣ) କିମ୍ବା ଦାୟ ସୃଷ୍ଟି ବୌଦ୍ଧ ଜିଲ୍ଲାପାଳଙ୍କ ପୂର୍ବାନୁମୋଦନ ବିନା କରାଯାଇପାରିବ ନାହିଁ ।

ସମ୍ପୃକ୍ତ ଜମିର କୌଣସି ସ୍ୱତ୍ୱାଧିକାରୀ/ ଜମିମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚିତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟର ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦(ସାଠିଏ) ଦିନ ମଧ୍ୟରେ ବୌଦ୍ଧ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ ।

| **ଜମି ର ତାଲିକା** | | | | | | |
|---|---|---|---|---|---|---|
| **କ୍ରମିକ ନଂ** | **୧** | **୨** | **୩** | **୪** | **୫** | **୬** |
| | **ଖତିୟାନ ନଂ** | **ପ୍ଲଟ ନଂ** | **ରକବା** | **ଅଧିଗ୍ରହଣ ରକବା** | **କିସମ** | **ଅଭିଲିଖିତ ରୟତ ନାମ** |
| **ବ୍ୟକ୍ତିଗତ ଜମି ର ଗୋଚର ବଦଳି** | | | | | | |
| ୧ | ୬୪ | ୬୨୧ | ୫.୦୮୦ | ୩.୨୪୦ | N/A | ପବିତ୍ର ମହାକୁଡ ପି-ଲକ୍ଷ୍ମିନ୍ଦ୍ର ମହାକୁଡ ବା: ବାରାପୁଦୁଗ |
| ମୋଟ | | | ୫.୦୮୦ | **୩.୨୪୦** | | |
| **ଏକର.ଡେସିମାଲ** | | | | | | |
| ବ୍ୟକ୍ତିଗତ ଜମି ର ଗୋଚର ବଦଳି | | | ୫.୦୮୦ | **୩.୨୪୦** | | |
| **ମୋଟ** | | | **୫.୦୮୦** | **୩.୨୪୦** | | |

ରାଜ୍ୟପାଳଙ୍କ ଆଦେଶକ୍ରମେ

ସଂଗ୍ରାମ କେଶରୀ ମହାପାତ୍ର

ଯୁଗ୍ମ ଶାସନ ସଚିବ

Printed and published by the Director, Directorate of Printing, Stationery and Publication, Odisha, Cuttack-10
Ex. Gaz. 1332—173+20